● ନାବାଳିକାକୁ ଅସଦାଚରଣ ଉଦ୍ୟମ

# ଯୁବକ ଥାନାରେ ଅଟକ

**ପାଣିକୋଇଲି,୩।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ତାଜପୁର ଗ୍ରାମରେ ଜଣେ ଦଳିତ ନାବାଳିକାକୁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ ଯୁବକକୁ ଥାନାରେ ଅଟକ ରଖିଛି। ପ୍ରକାଶ ବାରବାଟୀ ଅଞ୍ଚଳର ଗୌତମ ମଳିକ ଓ ତାଙ୍କ ପତ୍ନୀ ଏବଂ ଦୁଇ ଝିଅ ସହିତ ଉକ୍ତ ଅଞ୍ଚଳରେ ୫ ବର୍ଷ ହେବ ରହି ଆସୁଛନ୍ତି। ଗୌତମ ପେଷାରେ ଜଣେ ଗାଡ଼ି ଚାଳକ ହୋଇଥିବାରୁ ଅଧିକାଂଶ ସମୟ ବାହାରେ ରୁହନ୍ତି। ଗୌତମଙ୍କ ପତ୍ନୀ ନିକଟସ୍ଥ ଏକ ଖଲି ପତ୍ର ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଗୌତମଙ୍କ ଘର ନିକଟରେ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ନୂତନ ଗୋଦାମ ନିମନ୍ତେ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ସେଠାରେ ଭଦ୍ରକ ଅଞ୍ଚଳର କିଛି ଶ୍ରମିକ ରହି ଗୃହ ନିର୍ମାଣ କରୁଛନ୍ତି। ତେବେ ଆଜି ସକାଳେ ସମୟରେ ସବୁଦିନ ପରି ସେ ନିଜର କାର୍ଯ୍ୟ ଲାଗି ଫ୍ୟାକ୍ଟ୍ରିକୁ ଯିବା ପରେ ଘରେ ଏକାକି ତାଙ୍କର ନାବାଳିକା (୧୧) ଝିଅଟି ଶୋଇଥିବା ବେଳେ ଭଦ୍ରକ ଜିଲ୍ଲାର ସେକ ମନସୁରର ପୁଅ ସେକ ଅନୱର (୫୦) ଘରେ ପଶି ନାବାଳିକାକୁ ବଳାତ୍କାର ଉଦ୍ୟମ କରିଥିଲା। ଏ ନେଇ ନାବାଳିକା ଜଣକ ଚିତ୍କାର କରିବାରୁ ଅନୱର ତାର ମୁହଁକୁ ଚାପି ଧରି ଜୀବନରୁ ମାରି ଦେବା ଲାଗି ଉଦ୍ୟମ କରିଥିଲା। ପରେ ମା' ସସ୍ମିତା ଅପରାହ୍ନରେ ଘରେ ପହଞ୍ଚିବାରୁ ନାବାଳିକ ତାଙ୍କୁ ସମସ୍ତ କଥା ଜଣାଇଥିଲା। ଏ ନେଇ ସସ୍ମିତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅନୱରକୁ ଥାନାରେ ଅଟକ ରଖିଛି।

## ଅଧ୍ୟାପକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପ୍ରୀତିପୁର,୩।୫(ସମିସ):** ବିଞ୍ଝାରପୁର ବ୍ଲକ ବିତନା ସ୍ଥିତ ଯୁଣଭଦ୍ରା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବିଜୟ କୁମାର ଜେନାଙ୍କ ଅବସର ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କାଙ୍କ ଅଧକ୍ଷତାରେ ତଥା ଅଧ୍ୟାପକ ଜ୍ଞାନ ରଞ୍ଜନ ଧଳଙ୍କ ସଂଯୋଜନାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅଧ୍ୟାପକ ସୁଧାଂଶୁ ଶେଖର ବିଶ୍ୱାଳ, ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ଅଧ୍ୟାପକ ପର୍ଶୁରାମ ନାୟକ, ଅଧ୍ୟାପକ ଶ୍ୟାମସୁନ୍ଦର ବାରିକ, ଅଧ୍ୟାପିକା ଝରଣା ସ୍ୱାଇଁ ଅଧ୍ୟାପିକା ଡ. ରୁଚି ନିଗମ, ଅଧ୍ୟାପକ ଜଳଧର ସାହୁ, ଅଧ୍ୟାପକ ସଞ୍ଜୟ କୁମାର ସାହୁ, ଅଧ୍ୟାପକ ନିହାର ରଞ୍ଜନ ଦେହୁରୀ, ଡେମୋନଷ୍ଟ୍ରେଟର ଇନ୍ଦୁମୌଳି ପଟ୍ଟନାୟକ ଓ ସୂରଜିତ ଦେବତା, ମହାବିଦ୍ୟାଳୟର କର୍ମଚାରୀ ବ୍ରଜସୁନ୍ଦର ନାୟକ ପ୍ରମୁଖ ଯୋଗଦେଇଥିଲେ।।

## ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ

**ମଙ୍ଗଳପୁର,୩।୫(ସମିସ):** ଦଶରଥପୁର ବ୍ଲକ ପାଳଟପୁର ପଞ୍ଚାୟତ ପାଳଟପୁର ଗ୍ରାମରେ ଅବସ୍ଥିତ ଜୟ ମା' ମଙ୍ଗଳା ମନ୍ଦିରର ୧୨ତମ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରାରେ ଯାଇ କଳସ ବୁଡ଼ା କାର୍ଯ୍ୟ ଶେଷ ହେବା ପରେ ରୀତିନିତି ଅନୁଯାଇ ଷୋଡ଼ଶ ଉପଚାର ପୂଜା ସହ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଚାର୍ଯ୍ୟ ବୁନା ମିଶ୍ର ଓ ପୁସ୍ତକାଚାର୍ଯ୍ୟ ସନାତନ ମିଶ୍ର ଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ସନ୍ଦୀପ୍ତ ଦାସ ଓ ତାଙ୍କ ଧର୍ମପତ୍ନୀ ସୁଶ୍ରୀ ସଂଗୀତା ଦାସ ସଂକଳ୍ପ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶରତ ବେହେରା, ସୁବାସ ବେହେରା, ପୀତବାସ ବେହେରା, ଶ୍ରୀନିବାସ ବେହେରା, ସୁବ୍ରତ ବେହେରା, ବାବୁ ବେହେରା, ମୁନୁ ବେହେରା, ଟୁନୁ ବେହେରା, ଟିଟନ ବେହେରା, ଲିଟନ ବେହେରା, ଗୁଗୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରମିକ ବନ୍ଧୁ ସମ୍ମାନ ପାଇଲେ କିଶୋର ଜେନା



**ବରୀ,୩।୫(ସମିସ):** ଆନ୍ତର୍ଜାତିକ ଶ୍ରମିକ ଦିବସରେ ସରକାରଙ୍କ ଶ୍ରମ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନରେ ଶ୍ରମିକ ଓ ବ୍ୟାଙ୍କ କର୍ମଚାରୀ ନେତା, ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଚନ୍ଦ୍ର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଶ୍ରମମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ କରିଛନ୍ତି। ଶ୍ରମିକ ବନ୍ଧୁ ସମ୍ମାନ ରୂପେ ଉତ୍ତରୀୟ, ସ୍ମାରକୀ, ପ୍ରଶଂସା ପତ୍ର ସହ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ୭୯ବର୍ଷ ବୟସ୍କ କିଶୋର ଜେନା ପ୍ରଥମେ ବ୍ୟାଙ୍କ କର୍ମଚାରୀଙ୍କ ରାଜ୍ୟ ସଂଗଠନର ସମ୍ପାଦକ ରୂପେ କାର୍ଯ୍ୟକରି ପରେ ଅସଂଗଠିତ ଶ୍ରମିକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ଅଦ୍ୟାବଧି କାର୍ଯ୍ୟ କରିଚାଲିଛନ୍ତି। ଶ୍ରୀ ଜେନାଙ୍କ ଘର ବରୀ ବ୍ଲକ ଅନ୍ତର୍ଗତ ହଳଦିବସନ୍ତ ଗ୍ରାମରେ।

## ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଧର୍ମଶାଳା,୩।୫(ସମିସ):** ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପବିତ୍ର ପୀଠରେ ୨୦ତମ ବାର୍ଷିକ ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ଉଦଯାପିତ ହୋଇଯାଇଛି। ୪ ଦିନ ବ୍ୟାପୀ ଏହି ଯଜ୍ଞ ଉତ୍ସବରେ କର୍ତ୍ତା ଭାବେ ସୁନିଲ କୁମାର ସ୍ୱାଇଁ ଓ କର୍ତ୍ତୀ ଭାବରେ ତାଙ୍କ ଧର୍ମପତ୍ନୀ ସୁଜାତା ସ୍ୱାଇଁ ସଂକଳ୍ପ ଆସନରେ ବସିଥିଲେ। ମଙ୍ଗଳବାର ରାତ୍ରରେ ଅଙ୍କୁରାରୋପଣ, ବୁଧବାର କଳସାଧୀବାସ, ଗୁରୁବାର ଯଜ୍ଞାରମ୍ଭ ଓ ଅଗ୍ନିସ୍ଥାପନ ଓ ଆଜି ପୂର୍ଣ୍ଣାହୂତି ହୋଇଥିଲା। ପ୍ରତିଦିନ ସକାଳ ସମୟରେ ସୂର୍ଯ୍ୟପୂଜା, ଗୋ ପୂଜା ଓ ଗୁରୁପୂଜା ସହିତ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ ଓ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରି ବିଭୁକୃପା ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ଗୋଲକ ଚରଣ ମହାନ୍ତି, ବିନୋଦ ରାୟ, ଗୟାଧର ନାୟକ, ପ୍ରଦୀପ୍ତ ବରାଳ, ସଞ୍ଜୟ ସାହୁ, ନିରଞ୍ଜନ ସ୍ୱାଇଁ, ଶ୍ୟାମସୁନ୍ଦର ସ୍ୱାଇଁ ସମେତ ମା' ପଳାଶବୁଢୀ ଯଜ୍ଞ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

ହୋଟେଲ ବ୍ୟବସାୟୀଙ୍କୁ ଭୁଜାଲି ମାଡ଼ ଘଟଣା

# ଅଭିଯୁକ୍ତକୁ ଧରିବାରେ ପୁଲିସ ହାତ ଖାଲି

**ବିଞ୍ଝାରପୁର,୩।୫(ସମିସ):**

ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ବଜାରରେ ହୋଟେଲ ବ୍ୟବସାୟକୁ କେନ୍ଦ୍ର କରି ଗତ ମାର୍ଚ୍ଚ ମାସରେ ଜଣେ ହୋଟେଲ ବ୍ୟବସାୟୀଙ୍କୁ ଭୁଜାଲି ମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସତ୍ୟଜିତ ସାହୁ ଓରଫ କୁନାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଅନ୍ୟ ଜଣେ ସହଯୋଗୀ ରଞ୍ଜନ ସାହୁ ଓରଫ ଟିକିନା ପାଖରେ ଏପର୍ଯ୍ୟନ୍ତ ପୁଲିସ ପହଞ୍ଚିପାରିନାହିଁ। ଏହି ଘଟଣାର ସନ୍ଦିଗ୍ଧ ଅଭିଯୁକ୍ତ ରଞ୍ଜନ ସାହୁ ଓରଫ ଟିକିନାକୁ ପୁଲିସ ପାଉ ନାହିଁ ନା ତାକୁ ଏହି ଘଟଣାରୁ ଖସାଇ ଦେବା ପାଇଁ ପୁଲିସ ଉଦ୍ୟମ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଘଟଣାକୁ ନେଇ ଅକ୍ଷୟଙ୍କ ପୁଅ ଅମୀୟ ଦାସ କିଛି ସାକ୍ଷୀଙ୍କୁ ଧରି ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ମୁଖ୍ୟ କାର୍ଯ୍ୟାଳୟର ଜୈନିକ ଉପରିସ୍ଥ ଆରକ୍ଷୀ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ କରିବା ସହିତ ଅନ୍ୟ ଅଭିଯୁକ୍ତ ରଞ୍ଜନକୁ ଧରିବା ପାଇଁ ଅନୁରୋଧ କରିଥିଲେ। ହେଲେ ଏ ଘଟଣାକୁ ଉପରିସ୍ଥ ଅଧିକାରୀ ଜଣକ ଯେପରି ନାକାରତ୍ମକ ଭାବରେ ନେଲେ ତାହା ପୋଲିସର ଭୂମିକା ପ୍ରତି ସନ୍ଦେହ ସୃଷ୍ଟି କରୁଛି। ତେବେ ଏହି ଘଟଣାରେ ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଏହି ଘଟଣାର ତଦନ୍ତ ଚାଲିଥିଲା ବେଳେ ଅନ୍ୟ ଅଭିଯୁକ୍ତ ରଞ୍ଜନ ଓରଫ ଟିକିନା ଏପର୍ଯ୍ୟନ୍ତ ଫେରାର ଅଛି। ଅଭିଯୁକ୍ତକୁ ଖୁବଶିଘ୍ର ଧରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି ଗତ ମାର୍ଚ୍ଚ ୬ ତାରିଖରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ବଜାରରେ ମା' ଚଣ୍ଡି ହୋଟେଲର ମାଲିକ ସତ୍ୟଜିତ ସାହୁ ଓରଫ କୁନା ଓ ରଞ୍ଜନ ସାହୁ ଓରଫ ଟିକିନା ହୋଟେଲ ବ୍ୟବସାୟକୁ କେନ୍ଦ୍ରକରି ଅନ୍ୟ ଏକ ହୋଟେଲ ନ୍ୟୁଉମାର ମାଲିକ ଅକ୍ଷୟ ଦାସଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅକ୍ଷୟଙ୍କ ପେଟ ଓ ହାତରେ ଗଭୀର ଚୋଟ ଲାଗି ଥିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଏହି ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହାତ ଅକ୍ଷୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହିତ ଆକ୍ରମଣକାରୀ କୁନା ସାହୁକୁ କାବୁ କରି ଥାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ଅକ୍ଷୟଙ୍କ ପୁଅ ଅମୀୟଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା କେଶ ନଂ. ୧୨୫/୨୬ ରୁଜୁ କରି ତଦନ୍ତ କରୁଛି।

## ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଅନିୟମିତତା

**ବରୀ,୩।୫(ସମିସ):** କୋମଳମତୀ ପାଇଁ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି ଶିଶୁ ମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ମାଧ୍ୟମରେ ବ୍ୟାପକ ବ୍ୟୟ ବରାଦ



କରିବା ସହ ଏଠାରେ ଉନ୍ନତ ମାନର ଗୃହ ପାଇଁ ପାଖାପାଖି ପନ୍ଦର ଲକ୍ଷ ଟଙ୍କା ଦିଆଯାଇଥାଏ। ଏହି କାର୍ଯ୍ୟପାଇଁ ଉନ୍ନତ ମାନର ସିମେଣ୍ଟ, ଲୁହା ଛଡ଼ ଓ ଇଟାରେ କାମ ହେବା କଥା ଯାହାକି ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହେବ କିନ୍ତୁ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି ବରୀ ବ୍ଲକ ଅନ୍ତର୍ଗତ ବାଇଁଶିରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ନିର୍ମାଣଧୀନ ନୂତନ ଅଙ୍ଗନବାଡ଼ି କେନ୍ଦ୍ରରେ। ଏ ନେଇ ଗ୍ରାମବାସୀ ବରୀ ବ୍ଲକ ଅତିରିକ୍ତ ବିଡିଓ ମହେଶ୍ୱର ସେଠୀଙ୍କୁ ଶୁକ୍ରବାର ଏକ ଲିଖିତ ଅଭିଯୋଗ ମାଧ୍ୟମରେ କାମରେ ଅନିୟମିତତା ସମ୍ପର୍କରେ ଅବଗତ କରାଇଛନ୍ତି।

## ସିଆଇଟିୟୁ ପକ୍ଷରୁ ଶ୍ରମିକ ଦିବସ

**ପାଣିକୋଇଲି,୩।୫(ସମିସ):** ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱରପୁର ପଞ୍ଚାୟତସ୍ଥିତ ସାମ୍ୟଭବନ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ସିଆଇଟିୟୁ ଜିଲ୍ଲା ଉପସଭାପତି ତଥା ସିପିଏମ୍‌ର ଜିଲ୍ଲା ସମ୍ପାଦକ ଡାକ୍ତର ନିର୍ମଳ ରଥ ଯୋଗଦେଇ ଲାଲା ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା କମିଟି ସଭ୍ୟ ସୁରେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ବାଦିକ ସଂଘ ସଭାପତି ସୁବାସ ଧଳ, ଶ୍ରମିକ ନେତା ମଧୁସୂଦନ ଜେନା, ପ୍ରଗତିଶୀଳ ଆନ୍ଦୋଳନ ସହ ଜଡ଼ିତ ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ସାହୁ, ଆଞ୍ଚଳିକ କମିଟିର ସମ୍ପାଦକ ସୁରେଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗଣେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମାଧବ କୁଣ୍ଡୁ, ବ୍ରହ୍ମାନନ୍ଦ ବାରିକ, ଅଭୟ ଓଝା, ପ୍ରମୋଦ ସାହୁ, କୃପାସିନ୍ଧୁ ଭୂୟାଁ, ବନମାଳୀ ଭୂତିଆ, ଚନ୍ଦ୍ରମଣି ପଢିଆରୀ, ଶ୍ରୀନିବାସ ସାହା, ଗୋଲକ ଜେନା, ଇନ୍ଦ୍ରମଣି ସାହୁ, ନିରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବିଞ୍ଝାରପୁର/ମଇଁନ୍ଦା,୩।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତସ୍ଥିତ ଶାସନ୍ଦା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସେବାଜୀବନ ମଧ୍ୟରେ ତାଙ୍କର ଶିକ୍ଷାପ୍ରତି ନିଷ୍ଠା, ଛାତ୍ରଛାତ୍ରୀଙ୍କ ପ୍ରତି ଆଦର ଓ ବିଦ୍ୟାଳୟର ସାର୍ବିକ ଉନ୍ନତି ପାଇଁ ଅବଦାନକୁ ସ୍ମରଣ କରି ବକ୍ତାମାନେ ତାଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଭିହିତ କରିଥିଲେ। ସ୍ଥାନୀୟ ସରପଞ୍ଚ କାମଦେବ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ନେତା ରବିନାରାୟଣ ମହାନ୍ତି, ଖିରୋଦ ମାଳିକ, ରଞ୍ଜନ ଧଳ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହାସହ ନିକଟସ୍ଥ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ପୂର୍ବତନ ଶିକ୍ଷକ, ସିଆର୍‌ସିସି ଓ ଅଞ୍ଚଳବାସୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ, ଉପହାର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ।

## କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶ୍ରମିକ ଦିବସ

**ମଙ୍ଗଳପୁର,୩।୫(ସମିସ):** ଦଶରଥପୁର ବ୍ଲକର ମଙ୍ଗଳପୁର ବଜାର ଠାରେ ଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଯାଜପୁର ଆଞ୍ଚଳିକ କମିଟି ପକ୍ଷରୁ




କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଦଶରଥପୁରର ଗୋପବନ୍ଧୁ କଳା ବିକାଶ କେନ୍ଦ୍ର ପକ୍ଷରୁ ବିପ୍ଳବି ସଂଗୀତ ଗାନ କରାଯାଇଥିଲା। ଏଥିରେ କୟାଁ, କମାର ଡିହି, ଖାନନଗର, ଦଉପୁର, ଦୁଦୁରାଅଣ୍ଡା, ଅସନପୁର, ଥାଳକୁଡ଼ି ଓ କନିକାପଡ଼ା ଆଦି ପଞ୍ଚାୟତର ଶତାଧିକ ସଦସ୍ୟ ମଶାଲ ଶୋଭାଯାତ୍ରା କରି ମଙ୍ଗଳପୁର ବଜାର ପରିକ୍ରମା କରିବା ପରେ ସଭାସ୍ଥଳି ନିକଟରେ ପହଞ୍ଚିଥିଲେ। ମଳୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟସମ୍ପାଦକ ପ୍ରଶାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଓ ମାର୍କ୍ସବାଦୀ ତତ୍ତ୍ୱବିତ ମାନସ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ଈଶ୍ୱର ପରିଡ଼ା, ସହ ସମ୍ପାଦକ ଅଭୟ କୁମାର ପଣ୍ଡା, କନିକାପଡ଼ା ପଞ୍ଚାୟତର ସମିତିସଭ୍ୟା ସୁନିତା ଦାସ, ବଳିଷ୍ଠ ନେତା ନବକିଶୋର ବେହେରା, ଶିକ୍ଷକନେତା ରବି ଶତପଥୀ, ଆଞ୍ଚଳିକ କମିଟି ସମ୍ପାଦକ ଏସ୍. ଶତପଥୀ, ସହ ସମ୍ପାଦକ ବିଜୟ ନାୟକ ଓ ଚୌଧୁରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଅବସରକାଳୀନ ବିଦାୟ କାଳୀନ ସମ୍ବର୍ଦ୍ଧନା



**କୟାଁଗୋଲା,୩।୫(ସମିସ):** କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସରୋଜ କୁମାର ଯେନାଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଳମଣି ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଇନଜୀବୀ ବୈକୁଣ୍ଠ ନାଥ ପରିଡା ଓ ମୁଖ୍ୟବକ୍ତା ଭାବେ ଦଶରଥପୁର ପ୍ରାକ୍ତନ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରାଣ ଯୋଗ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାମଲ, ଜୟଚଣ୍ଡୀ ସାଧନା କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ଦାଶ, ସମିତିସଭ୍ୟ ରୋଶନ ଦାସ, ଗୌରଚନ୍ଦ୍ର ରାୟ, ଅକ୍ଷୟ କୁମାର ସାହାଣୀ, ପରିଚାଳନା କମିଟି ସଭାପତି ସୁନତି ବାରିକ, ଜାଜୁଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଦାସ, ଗରବନ୍ଧ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ପରୀକ୍ଷିତ ସାହୁ, ପୂର୍ବତନ ସିଆରସି ଖଗେଶ୍ୱର ସାହୁ, ଅବସରପ୍ରାପ୍ତ ସହକାରୀ ବିଶ୍ୱ ନାଥ ସାହାଣୀ ଓ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ବାରିକ ଉପସ୍ଥିତ ଥିଲେ।

## ଥାଲକୁଡ଼ି କଲ୍ୟାଣ ଆଶ୍ରମର ବାର୍ଷିକ ଉତ୍ସବ

**ମଙ୍ଗଳପୁର,୩।୫(ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଥାଲକୁଡ଼ି-କଷବା ଗ୍ରାମର କଲ୍ୟାଣ ଆଶ୍ରମର ୫୮ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟରେ ପରିବ୍ରାଜକସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ମହାପୁରୁଷ ଆଶ୍ରମ ଭଦ୍ରକର ପଣ୍ଡିତ ନକୁଳ ଦେବ ଶାସ୍ତ୍ରୀ, ଭଦ୍ରକ ବେଦପିୟୁଷ ସଂପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସଂସ୍କୃତ ଅଧ୍ୟାପକ ପଣ୍ଡିତ ସୁଧାକର ଶାସ୍ତ୍ରୀ, ଅଗ୍ନିହୋତ୍ରୀ ବ୍ରହ୍ମଚାରୀ ନୃସିଂହ ଜୀ, ରାଉରକେଲଶ ବେଦବ୍ୟାସରୁ ଆସିଥିବା ଜଗବନ୍ଧୁ ଶାସ୍ତ୍ରୀ ପ୍ରମୁଖ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁରର ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବିଜେପି ନେତ୍ରୀ ବବିତା ମଲ୍ଲିକ, ନନ୍ଦିପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତି, ବିରିପଟା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ଦାସ, ଆସାର ପୂର୍ବତନ ସଭାପତି ଅନ୍ନଦା ପ୍ରସାଦ ପାଣ୍ଡବ, ଥାଲକୁଡ଼ିର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ମଙ୍ଗଳପୁର ପଞ୍ଚାୟତର ସମାଜସେବୀ ପ୍ରଦୀପ ମହାପାତ୍ର, ଶରତ ଚନ୍ଦ୍ର ଜେନା, ଯୁବ ନେତା ମନୋଜ ସେଠୀଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ, ଭଜନ, ନୃତ୍ୟ ଓ ମେଲୋଡି କାର୍ଯ୍ୟକ୍ରମ ଦର୍ଶକ ମାନଙ୍କ ମନ ମୋହିଥିଲା।

## ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ହେଲେ ଜୁଲଫିକର

**ବ୍ରହ୍ମବରଦା,୩।୫(ସମିସ):** ରାଜ୍ୟ ବିଜେପି କାର୍ଯ୍ୟାଳୟ ପକ୍ଷରୁ ବିଜେପି ସଂଖ୍ୟା ଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ଗୁରିନ୍ଦର ସିଂହ ୯ଟି ଜିଲ୍ଲାର ସଭାପତି ନାମ ଘୋଷଣା କରିଛନ୍ତି। ତନ୍ମଧ୍ୟରୁ ଯାଜପୁର ଜିଲ୍ଲା ପାଇଁ ବ୍ରହ୍ମବରଦା ପଞ୍ଚାୟତର ଜୁଲଫିକର ଅଲ୍ଲି ଖାଁଙ୍କ ନାମ ଘୋଷଣା ହେବା ପରେ ଅବିଭକ୍ତ ବ୍ରହ୍ମବରଦା ଅଞ୍ଚଳରେ ଆନନ୍ଦର ଲହରି ଖେଳି ଯାଇଥିଲା। ଜୁଲଫିକର ଅଲ୍ଲି ଖାଁ ସଂଖ୍ୟାଲଘୁ ସମ୍ପ୍ରଦାୟ ଜଣେ ଭଲ ନେତା ଭାବେ ଯାଜପୁର ଜିଲ୍ଲାରେ ପରିଚିତ। ଶ୍ରୀ ଖାଁଙ୍କୁ ଯାଜପୁର ଜିଲ୍ଲା



ସଂଘ୍ୟାଲଘୁ ସଭାପତି ଭାବେ ଏକ ଗୁରୁଦାୟିତ୍ୱ ଦେଇ ଥିବାରୁ ଯାଜପୁର ସାଂସଦ ଡ. ରବି ନାରାୟଣ ବେହେରା, ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ଓ ବରୀ ବିଜେପି ଯୁବନେତା ଉମେଶ ଜେନାଙ୍କ ସହ ଜିଲ୍ଲାର ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନୃସିଂହଦେବଙ୍କ ଜନ୍ମୋତ୍ସବ

**ଧର୍ମଶାଳା,୩।୫(ସମିସ):** ଭଗବାନ ଶ୍ରୀବିଷ୍ଣୁଙ୍କର ଚତୁର୍ଥ ଅବତାର ପ୍ରଭୁ ନୃସିଂହ ଦେବଙ୍କ ଜନ୍ମୋତ୍ସବ ଧର୍ମଶାଳା ବ୍ଲକ୍ ଚୋରମୁଁହା ଅନ୍ତର୍ଗତ ନରସିଂହପୁର ସ୍ଥିତ ନୃସିଂହ ମନ୍ଦିରରେ ପାଳିତ ହୋଇଯାଇଛି। ବିଶ୍ୱାସ ରହିଛି ଏହି ଦିନରେ ପ୍ରଭୁ ନୃସିଂହଙ୍କୁ ଦର୍ଶନ କଲେ ବହୁ ପୁଣ୍ୟର ଫଳ ପ୍ରାପ୍ତି ହୋଇଥାଏ। ମନ୍ଦିରର ସେବାୟତ ପ୍ରକାଶ ଶତପଥୀ, ଗୋପୀନାଥ ପାଢ଼ୀ, ଆଶୁତୋଷ ପଣ୍ଡା, ନବଘନ ପତି, ଦେବେନ୍ଦ୍ର ପତି ପ୍ରଭୁଙ୍କ ସ୍ନାନକାର୍ଯ୍ୟ ପରେ ବଡ଼ସିଂହାର, ମଙ୍ଗଳ ଆରତୀ, ଷୋଡ଼ଶ ଉପଚାର ପୂଜା, ଭୋଗ ଯଜ୍ଞ ପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରା ଯାଇଥିଲା। ନୃସିଂହ ମନ୍ଦିର ମୁଖ୍ୟ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଓ ମାଧୁରୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ଉପସ୍ଥିତ ରହି ନୃସିଂହଙ୍କ ଜନ୍ମୋତ୍ସବକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ନରସିଂହପୁର, ବାଲିଗରି, ଚୋରମୁହାଁ, ବଡମଙ୍ଗଳପୁର ଗ୍ରାମର ଭଜନ କୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ରହି ପୂର୍ଣ୍ଣ ଆଳତୀ କରିଥିଲେ। ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ଶତପଥୀ, ଅଞ୍ଜୁମାଳା ଶତପଥୀ, ସମାଜସେବୀକା ମିନତୀ ସାହୁ ଏବଂ ଜାରକା ରୋଟାରି ଓ ଇନରହୁଇଲ କ୍ଲବର ସଦସ୍ୟ ଓ ସଦସ୍ୟା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଭୁ ନୃସିଂହ ଦେବଙ୍କ ଜନ୍ମୋତ୍ସବରେ ଯୋଗଦେଇଥିଲେ।

# ବୁଦ୍ଧ ବାଟିକାରେ ବୁଦ୍ଧ ଜୟନ୍ତୀ

**କୁଆଖିଆ,୩।୫(ସମିସ):**

ପରିବେଶ ସୁରକ୍ଷା ସଂଗ୍ରାମ ସମିତି ଆନୁକୂଲ୍ୟରେ ରସୁଲପୁର ବ୍ଲକ ବଡକଇଁଚି ନାଉପାଳ ସ୍ଥିତ ବୁଦ୍ଧ ବାଟିକାରେ ୩ୟ ବୁଦ୍ଧ ଜୟନ୍ତୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପରୁଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଡା. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ସମାଜସେବୀ ଜନ୍ମେଜୟ ସାହୁ ଯୋଗଦେଇ ଆଲୋଚନା କରିଥିଲେ। ଶିକ୍ଷାବିତ ପ୍ରଦୀପ କୁମାର ସାମଲଙ୍କ ବୁଦ୍ଧ ସ୍ତୋତ୍ର ପାଠ, ଅତିଥି ପରିଚୟ ପ୍ରଦାନ, ଆବାହକ କୈଳାସ ଚନ୍ଦ୍ର ମଲିକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏଇ ଅବସରରେ ସାମ୍ବାଦିକ ଅମୂଲ୍ୟ କୁମାର ବରାଳ,



ସମାଜସେବୀ ଦେବବ୍ରତ ରାଉତ, ଅଧ୍ୟାପକ ସନ୍ତୋଷ କୁମାର ସାହୁ, ଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷକ ସୁଶାନ୍ତ କୁମାର ମହାରଣା, କବି ସୁରେନ୍ଦ୍ର କୁମାର ବେହେରା, ସୌମ୍ୟରଞ୍ଜନ ପଣ୍ଡା, ଦଳିତ ନେତା ଶଶିକାନ୍ତ ମଳିକ, ଦୁଷ୍ମନ୍ତ କୁମାର ଯେନା, ଗୟାଧର ମଳିକ, ନରେନ୍ଦ୍ର କୁମାର ମଳିକ ପ୍ରମୁଖ ବୁଦ୍ଧ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମା' ବାସୁଲେଇ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଗୁଞ୍ଜରୀ ମଳିକ, ବିଭାସିନୀ ମଳିକ, ଟୁନି ମଳିକ ପ୍ରମୁଖ ସମସ୍ତ ମହିଳା ସଦସ୍ୟ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସଦସ୍ୟ ପ୍ରହଲ୍ଲାଦ ମଳିକ, ସତ୍ୟସୁଧାଂଶୁ ମଳିକ, ସାଗର ମଳିକ, ପ୍ରଶନଜିତ ମଳିକ, ଦୀନବନ୍ଧୁ ମଳିକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସଂଗ୍ରାମ ସମିତିର ସହ ସମ୍ପାଦକ ଅଭିମନ୍ୟୁ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକଙ୍କୁ ନିଅଣ୍ଟ ବିଶୁଦ୍ଧ ପାଣି

# ନଳକୂଅ ଜଳ ବିଷାକ୍ତ; ବାହାରୁଛି ମଳା ଜନ୍ଦା

ବାରିକପୁର,୩।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଏକ ପ୍ରକାର ଫେଲ୍ ମାରିଥିବାବେଳେ ପାଇପ୍ ଯୋଗେ ଜଳ ଯୋଗାଣ ଲୋକମାନଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ନଳକୂଅ ହିଁ ଏମାନଙ୍କ ପଞ୍ଚାୟତ ଲୋକଙ୍କ ଶୋଷ ମେଣ୍ଟାଉଛି। ବ୍ୟକ୍ତିଗତ ନଳକୂଅକୁ ଛାଡ଼ିଦେଲେ ବ୍ଲକ୍ ଅଞ୍ଚଳରେ ସରକାରୀ ନଳକୂଅ ଜନସାଧାରଣଙ୍କ ପାଇଁ ଢେର୍ ଆବଶ୍ୟକତା ରହୁଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ସରକାରୀ ନଳକୂଅଗୁଡ଼ିକୁ ମରାମତି କରିବା ମଧ୍ୟ ଏକାନ୍ତ ଆବଶ୍ୟକ ରହୁଛି। ପରିତାପର ବିଷୟ କେତେକ ଅନେକ ଦିନ ହେବ ସରକାରୀ ନଳକୂଅ ଅଚଳ ହୋଇପଡ଼ିଥିବା ବେଳେ ସେଥିରୁ ଏବେ ବିଷାକ୍ତ ପାଣି ବାହାରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ରହଣିଆ ପଞ୍ଚାୟତ ଆକୁଳିକଣାଠାରେ।



ଗ୍ରାମର ସ୍କୁଲ ନିକଟରେ ଦୀର୍ଘ ଦିନ ହେବ ଏକ ବକ୍ସ ନଳକୂଅ ତିଆରି ହୋଇଥିବାବେଳେ ତାହା କିଛିମାସ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ନଳକୂଅଟିର ପ୍ଲାଟଫର୍ମ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଏହା ତଳେ ସମ୍ପ୍ରତି ବିଭିନ୍ନ ବିଷାକ୍ତ ସରୀସୃପ ବାସ କରୁଥିବା ଲୋକେ ଦେଖିବାକୁ ପାଇଛନ୍ତି। ଏବେ ନଳକୂଅରୁ ମଳା ଜନ୍ଦା ମିଶ୍ରିତ ସାମାନ୍ୟ ପାଣି ବାହାରୁଥିବାବେଳେ ତାହା ପୁଣି ଦୁର୍ଗନ୍ଧ ହେଉଛି। କୌଣସି ସରୀସୃପ ଜାତୀୟ ଜୀବ ନଳକୂଅରେ ପଡ଼ି ମରିଥିବାରୁ ପାଣି ଦୁର୍ଗନ୍ଧ ହୋଇଥିବା ଅନୁମାନ କରାଯାଉଛି। ଏହା ଉପରେ ନିର୍ଭର କରୁଥିବା ୫/୬ ଘର ଏବେ ପାଣି କଷ୍ଟ ଭୋଗୁଛନ୍ତି। କେହି ବାଟୋଇ କାଳେ ପଚା ପାଣିକୁ ବ୍ୟବହାର କରିବେ ସେଥିପାଇଁ ନଳକୂଅକୁ ଚାବି ପକାଇ ରଖାଯାଇଛି। ଅନୁରୂପ ଭାବେ ସ୍କୁଲ ପରିସରରେ ଥିବା ଦୁଇଟି ନଳକୂଅ ମଧ୍ୟ ଏକପ୍ରକାର ଅଚଳ ହୋଇପଡ଼ିଛି। ଏ ବିଷୟରେ ବିଭାଗୀୟ ଅଧିକାରୀ ଜାଣିଥିଲେ ମଧ୍ୟ ଏଯାଏଁ ମରାମତି ସମ୍ଭବ ହୋଇପାରି ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ସର୍ବସାଧାରଣ ସ୍ଥାନରେ ଥିବା ନଳକୂଅ ସହିତ ସ୍କୁଲ ନଳକୂଅକୁ ତୁରନ୍ତ ମରାମତି ପାଇଁ ଗୋଲକ ସେଠୀ, ସତ୍ୟଭାମା ବେହେରା, ରଞ୍ଜୁଲତା ବାରିକ, ବାସନ୍ତୀ ବେହେରା, ପ୍ରଦୀପ ସେଠୀ, ସୁବାସ ସେଠୀ, ହରେକୃଷ୍ଣ ସେଠୀ ପ୍ରମୁଖ ଦାବି କରିଛନ୍ତି।

## ■ ଧାମନଗରରୁ ମାଟ୍ରିକ୍ ପରୀକ୍ଷାରେ ୧୨ ଟପ୍ପର

# ହିବା ଅହେମ୍ମଦଙ୍କୁ ସମ୍ବର୍ଦ୍ଧନା ଦେଲେ ଏବିଇଓ

ଧାମନଗର,୩।୫(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇ ଟପ୍ପର ହୋଇ ଧାମନଗର ଅଞ୍ଚଳରେ ଗୌରବ ଆଣିଛନ୍ତି। ଧାମନଗର ପିଏମ୍‌ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ତଥା ମଦ୍ରାସା ତାହେରିଆ ହନିଫିଆର ପ୍ରାକ୍ତନ ଛାତ୍ରୀ ସହର ଅଧୀନ ମୁନିସପାଟଣା ନିବାସୀ ଅଧ୍ୟାପକ ଏମ୍‌ଡି ଅନୱାର ଅହେମ୍ମଦ ଓ ମାଆ ମୁନ୍ ଜରିନ ଖାତୁନଙ୍କ କନିଷ୍ଠା କନ୍ୟା ହିବା ଅହେମ୍ମଦ ପ୍ରକାଶିତ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୪୦ ନମ୍ବର ରଖି ଟପ୍ପର ହୋଇ ଆମ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି।




ପ୍ରକାଶ ଥାଉ କି, ହିବା ଜଣେ ଉର୍ଦ୍ଦୁ ଭାଷାଭାଷୀ ମୁସଲିମ ଛାତ୍ରୀ ହୋଇଥିଲେ ମଧ୍ୟ ବିନା ଟ୍ୟୁସନ୍‌ରେ ଓଡ଼ିଆ ମାତୃଭାଷାରେ ପରୀକ୍ଷା ଦେଇ ୯୬ ପ୍ରତିଶତ ନମ୍ବର ରଖିବା ସମସ୍ତଙ୍କୁ ହତଚକିତ କରିଛି। ତେବେ ଫଳାଫଳ ଘୋଷଣା ପରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ମଦ୍ରାସା ତାହେରିଆ ହନିଫିଆର ପ୍ରଧାନଶିକ୍ଷକ ଏମ୍‌ଡି ନାସିରୁଦ୍ଦିନ(ରାଜା ସାର୍)ଙ୍କ ସହିତ ବହୁ ଶିକ୍ଷକଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ରବିବାର ସକାଳେ ତାଙ୍କ ବାସଭବନରେ ପହଞ୍ଚି ହିବାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ସହ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇ ଟପ୍ପର ହୋଇଛନ୍ତି। ସେଥିମଧ୍ୟରୁ ପିଏମ୍‌ଶ୍ରୀ ସହିଦ ନଗର ନୋଡାଲ ହାଇସ୍କୁଲର ଶାଇସାର୍ଥକ ନାୟକ ୫୬୦, ଭାଗ୍ୟଲକ୍ଷ୍ମୀ ସୂତାର ୫୫୭ ଓ ଶୁଭଲକ୍ଷ୍ମୀ ପଣ୍ଡା ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ଧାମନଗର ସରକାରୀ ହାଇସ୍କୁଲର ହିବା ଅହେମ୍ମଦ ୬୦୦ରୁ ୫୪୦ ତଥା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇ ସହରାଞ୍ଚଳକୁ ଗୌରବ ଆଣିଥିବାବେଳେ କୋରୁଆ-ଗୋବିନ୍ଦପୁର ନୋଡାଲ ହାଇସ୍କୁଲର ତମନା ନାୟକ ୫୫୪ ନମ୍ବର ରଖି ଟପ୍ପର ହୋଇଛନ୍ତି। ଅସୁରାଳି ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଦୁଇ ଜଣ ଆୟୁଷ କୁମାର ମହାପାତ୍ର ୫୫୪ ନମ୍ବର ରଖି ଟପ୍ପର ହୋଇଥିବାବେଳେ ରଘୁନାଥ ନାୟକ ୫୪୦ ନମ୍ବର ତଥା ଏ-୧ ଗ୍ରେଡ୍ ପାଇଛନ୍ତି। ବାପୁଜୀ ନୋଡାଲ ହାଇସ୍କୁଲ ମହତାବନଗରରୁ ତିନି ଜଣ ଏ-୧ ଗ୍ରେଡ୍ ପାଇ ଟପ୍ପର ହେଲେ ହିତାଂଶୁ ଶେଖର ସାହୁ ୫୪୬, ଶମ୍ଭୁନାଥ ରାଉତ ୫୪୧ ଏବଂ ସ୍ମୃତିରଞ୍ଜନ ଦାସ ୫୪୦ ନମ୍ବର ରଖି ଟପ୍ପର ହୋଇ ଉକ୍ତ ବିଦ୍ୟାଳୟକୁ ଚର୍ଚ୍ଚାକୁ ଆଣି ଦେଇଛନ୍ତି। ବ୍ଲକ୍ ଅନ୍ତର୍ଗତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ଜାହାଙ୍ଗୀରରୁ ଜ୍ୟୋତିରଞ୍ଜନ ପଣ୍ଡା ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଥିବାବେଳେ ନାରାୟଣୀ ହାଇସ୍କୁଲ ପଙ୍ଗଟାରୁ ପ୍ରାର୍ଥନାରାଣୀ ନାୟକ ୫୪୦ ନମ୍ବର ରଖି ଟପ୍ପର ହୋଇ ଧାମନଗର ମାଟିର ଗୌରବ ଆଣିଛନ୍ତି। ଯାହାକୁ ନେଇ ଶିକ୍ଷକଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି। ଧାମନଗର ଅଞ୍ଚଳରୁ ୧୨ ଜଣ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇ ଆମ ମାଟିର ଗୌରବ ଆଣିଥିବାରୁ ଶିକ୍ଷକ ସଂଘ, ଶିକ୍ଷକଶିକ୍ଷୟିତ୍ରୀ ଓ ରାଜନେତାଙ୍କ ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ



ଭଣ୍ଡାରିପୋଖରୀ,୩।୫(ସମିସ): ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ନବମ ବାର୍ଷିକ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଞ୍ଚ ସଞ୍ଚାଳନ କରିଥିଲେ କଲ୍‌ଚରାଲ ଏକାଡେମୀ ସଭାପତି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଓ ନାଟ୍ୟକାର ସୁଧାଂଶୁ ଶେଖର ନାୟକ, ବରେଣ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ରାଜ୍ୟ ବୋର୍ଡ ସଦସ୍ୟ ସୁଧାକର ନନ୍ଦ, ବରିଷ୍ଠ ଯାତ୍ରା ଅଭିନେତା ଲୋକନାଥ ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ଦକ୍ଷିଣବାଡ଼ ସରପଞ୍ଚ ବର୍ଷାରାଣୀ ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କଲ୍‌ଚରାଲ ଏକାଡେମୀ ତରଫରୁ ପିଲାମାନଙ୍କ ଦ୍ୱାରା ନାଚ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ସ୍ମୃତି ସମ୍ମାନ, ପତ୍ରିକା ଉନ୍ମୋଚନ ହୋଇଯାଇଛି। ବାର୍ଷିକ ଉତ୍ସବରେ ବିଶେଷ ଆକର୍ଷଣ ବାଲୁକା କଳା ଓ ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା।

## ୨୮୦ ଜଣ ଆରମ୍ଭ କରି ନାହାନ୍ତି ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟ

ଦୋଲସାହି,୩।୫(ସମିସ): ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରାଯାଇଥିବା ହିତାଧିକାରୀଙ୍କ ମଧ୍ୟରୁ ଅନେକ ହିତାଧିକାରୀଙ୍କୁ ରାଜନୈତିକ ପ୍ରଣୋଦିତ ଭାବେ ଚୟନ କରାଯାଇଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ୪୮୭ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରାଯାଇ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ଏହି ହିତାଧିକାରୀଙ୍କ ମଧ୍ୟରୁ ୨୮୦ ଜଣ ପ୍ରଥମ କିସ୍ତି ଟଙ୍କା ପାଇ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନ ଥିବା ଜଣାଯାଇଛି।



## ପୀରହାଟଠାରେ ବିଶ୍ୱ ଶ୍ରମିକ ଦିବସ

ତିହିଡ଼ି,୩।୫(ସମିସ): ବିଶ୍ୱ ଶ୍ରମିକ ଦିବସ ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତିହିଡ଼ି ଜୋନ୍ କମିଟି ତିହିଡ଼ି ବ୍ଲକ୍ ପୀରହାଟ ପାର୍ଟି ଅଫିସଠାରେ ଜୋନ୍ ସମ୍ପାଦକ କମ୍ରେଡ୍ ନାରାୟଣଚନ୍ଦ୍ର ତ୍ରିପାଠୀ ପାର୍ଟି ପତାକା ଉତ୍ତୋଳନ କରିଥିଲେ। ସହ ସମ୍ପାଦକ କମ୍ରେଡ୍ ରବୀନ୍ଦ୍ର ବାରିକ ତାଙ୍କୁ କମାଣ୍ଡ କରିଥିଲେ। ବର୍ତ୍ତମାନ ସାରା ବିଶ୍ୱ ତଥା ଭାରତରେ ଶ୍ରମିକମାନଙ୍କର ଦୁର୍ଦ୍ଦଶା ବୃଦ୍ଧି ହେବା, ୮ ଘଣ୍ଟାର କାର୍ଯ୍ୟକୁ ୧୦ ଘଣ୍ଟା କରିବା, ଠିକା ଶ୍ରମିକମାନଙ୍କୁ ଉଚିତ୍ ପ୍ରାପ୍ୟ ନ ଦେବା, ଆନ୍ଦୋଳନକାରୀ ଶ୍ରମିକମାନଙ୍କର ଦାବି ଗ୍ରହଣ ନ କରି ପୁଲିସ ଜରିଆରେ ଜୁଲୁମ କରିବା, ନିରୀହ ଶ୍ରମିକମାନଙ୍କୁ ଜେଲ୍‌ରେ ଭରିବା, ଶ୍ରମିକମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଛି। ସରକାରଙ୍କ ପ୍ରଦତ୍ତ ୪ଟି ଶ୍ରମକୋଡ୍‌କୁ ବିରୋଧ କରି ସମସ୍ତ ଶ୍ରମିକ ମଜଦୁର ଏକଜୁଟ ହୋଇ ସରକାରଙ୍କୁ ବିରୋଧ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଉତ୍ସବରେ ସାଥି ସନ୍ତଚରଣ ବିଶ୍ୱାଳ, ସୁରେନ୍ଦ୍ର ରାଉତ, ଚୈତନ୍ୟ ବାରିକ, ଭରତ ବାରିକ, ଶାନ୍ତନୁ ବଳ, ଗଙ୍ଗାଧର ବେହେରା, ଚିନ୍ତାମଣି ଜେନା, ଦୋଳ ବାରିକ, ମୋହନ ଦାସ, ଶରତ ପାଣ୍ଡବ, ସୁକାନ୍ତ ସେଠୀ, ଅନନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## କବି ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ସ୍ମୃତିସଭା

ଭଦ୍ରକ,୩।୫(ସମିସ): ଭଦ୍ରକ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିରଠାରେ ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ପାଇଁ ଭଦ୍ରକ ସାହିତ୍ୟ ପରିଷଦ ତରଫରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଡ. ଶଶଧର ଦାସ ଓ ଝରଣା ପଟ୍ଟନାୟକ ଉପସ୍ଥିତ ରହି ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ଭାନୁମତି ମାଟିଆ, ସୁଚିତ୍ରା ପାଣିଗ୍ରାହୀ, ନୀଳିମା ପଣ୍ଡା, ସୁକାନ୍ତୀ ମହାପାତ୍ର, ପ୍ରୀତିଲତା ପଣ୍ଡା, ଲଲାଟେନ୍ଦୁ ମହାନ୍ତି, ଅବନୀ ପ୍ରଧାନ, ରତିକାନ୍ତ ବେହେରା, ଶରତ ନାୟକ, ବିଜୟ ବହଳୀ, ମୁକ୍ତିକାନ୍ତ ମଲ୍ଲିକ, ସଂଗ୍ରାମ ଆଚାର୍ଯ୍ୟ, ଅକ୍ଷର ଜେନା, ଖଗେଶ୍ୱର ଯେନା, ବୈକୁଣ୍ଠ ବିଶ୍ୱାଳ, ନିହାର ରଞ୍ଜନ କର, ଶାନ୍ତନୁ କୁମାର ରାଉତ ଏବଂ ସାହିତ୍ୟ ପରିଷଦର ସଭ୍ୟସଭ୍ୟାମାନେ ଡ. ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ।



## ଅଭିଜିତ୍ ସାହୁ ବନ୍ତ ବ୍ଲକ୍ ଟପ୍ପର

ବନ୍ତ/ଆଗରପଡ଼ା,୩।୫(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଅଭିଜିତ୍ ସାହୁ ସର୍ବୋଚ୍ଚ ୫୫୮ ନମ୍ବର ରଖି ବନ୍ତ ବ୍ଲକ୍‌ରେ ଟପ୍ପର ହୋଇ ଆଗରପଡ଼ାକୁ ଗୌରବାନ୍ୱିତ କରିଛନ୍ତି। ଆଗରପଡ଼ାସ୍ଥିତ କୁଣ୍ଡି-ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠ ଛାତ୍ର ଅଭିଜିତ୍ ସ୍ଥାନୀୟ ତ୍ରିସାଲିଆ ଗ୍ରାମର ଜଗନ୍ନାଥ ସାହୁ ଓ ଅବନ୍ତୀ ଲତାଙ୍କ ସୁପୁତ୍ର ଅଟନ୍ତି। ଅଭିଜିତ୍ ମଧ୍ୟ ପୂର୍ବରୁ ଅଷ୍ଟମ ଶ୍ରେଣୀ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ବ୍ଲକ୍ ଟପ୍ପର ଓ ଜିଲ୍ଲାସ୍ତରରେ ଦ୍ୱିତୀୟ ଟପ୍ପର, ନବମ ଶ୍ରେଣୀ ଏନ୍‌ଆର୍‌ଟିଏସ୍ ପରୀକ୍ଷାରେ ବ୍ଲକ୍ ଟପ୍ପର ଓ ଦଶମ ଶ୍ରେଣୀରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସ୍ଥାନୀୟ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟ କଳା ଶିକ୍ଷକ ପଦ୍ମନାଭ ସେଠୀ ଓ ଟେରାକୋଟା ନିପୁଣ ଶିଳ୍ପୀ ନିରୁପମା ସାହୁ ଅଭିଜିତ୍‌ଙ୍କ ଭିଣୋଇ ଓ ଭଉଣୀ ଅଟନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ବିଶେଷ କରି ଅବହେଳିତ, ନିଷ୍ପେସିତ ଆଦିବାସୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସମ୍ବାଦକୁ ସେ କହିଛନ୍ତି। ସେହିପରି ତୋଡ଼ଗାଁସ୍ଥିତ ପିତାମ୍ବରୀ ଉଚ୍ଚ ବିଦ୍ୟାଗିରି ଛାତ୍ରୀ ଅଙ୍କିତା ବେହେରା ୫୫୬ ନମ୍ବର ରଖି ବ୍ଲକ୍‌ର ୨ୟ ସ୍ଥାନ ଅଧିକାର କରିଥିବାବେଳେ କୁଣ୍ଡି-ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠ ଛାତ୍ର ରାହୁଲ ଗୁପ୍ତା, ବନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲୁବିନା ବାତୁନ, ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ସଂସ୍କୃତି ଜେନା, କାଦବରାଙ୍ଗ ହାଇସ୍କୁଲ ଛାତ୍ରୀ ପ୍ରତିଭା ପଣ୍ଡା, ଗୋପୀନାଥପୁରସ୍ଥିତ ଗୋପୀନାଥଜୀଉ ହାଇସ୍କୁଲ ଛାତ୍ର ସୋ÷ମ୍ୟରଞ୍ଜନ ସାହୁ ପ୍ରତ୍ୟେକ ୫୪୦ ନମ୍ବର ରଖିଥିବା ଜଣାପଡ଼ିଛି।



# ମାଟ୍ରିକ୍ ଟପ୍ପର ସରିତା ନାୟକଙ୍କୁ ଶୁଭେଚ୍ଛା

ଭଦ୍ରକ,୩।୫(ସମିସ): ମାଟ୍ରିକ୍ ପରୀକ୍ଷାରେ ଭଦ୍ରକ ଜିଲ୍ଲାରେ ଟପ୍ପର ହୋଇଥିବା ଚାନ୍ଦବାଲି ବ୍ଲକ୍ ନୂଆଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜନ୍ତୁଆଳି ନୂଆଗାଁ ବଲ୍ଲଭ ଶଙ୍ଖାଳି ଚାରିମୌଜା ନୋଡାଲ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ସରିତା ନାୟକଙ୍କୁ ସିପିଆଇ(ଏମ୍) ପକ୍ଷରୁ ଫୁଲତୋଡ଼ା ଓ ପୁରସ୍କାର ଦିଆଯାଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଜଣେ ଚାଷୀ ଘରର ପିଲା ଭାବେ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୭୩ ମାର୍କ ରଖି ଜିଲ୍ଲାରେ ଗୌରବ ଆଣିଥିବାରୁ ସିପିଆଇ(ଏମ୍) ପକ୍ଷରୁ ତାଙ୍କୁ ଧନ୍ୟବାଦ ଜଣାଯାଇଛି। ଏହି ସଫଳତା ପଛରେ ତାଙ୍କ ବାପା ନିରଞ୍ଜନ ନାୟକ, ମାଆ ସିପିଆଇ(ଏମ୍) ନେତ୍ରୀ ରଞ୍ଜିତା ନାୟକ, ବଡ଼ବାପା ଦେବେନ୍ଦ୍ର ନାୟକ, ବଡ଼ବୋଉ ସୁକାନ୍ତି ନାୟକ, ବିଏସ୍‌ସି ହାଇସ୍କୁଲର ପ୍ରଧାନଶିକ୍ଷକ ଅଜୟ ନାୟକ ଓ ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଯାଇଛି। ସିପିଆଇ(ଏମ୍)ର ଏହି ପ୍ରତିନିଧି ଦଳରେ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା କାହ୍ନୁ କିଶୋର ସାହୁ, ଯୁବନେତା ଦୀପକ ଦାସ ପ୍ରମୁଖ ଯାଇ ସରିତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।




## ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ଯୋଗୁଁ ଶିଶୁ ମୃତ୍ୟୁ ମାମଲା | ତଦନ୍ତ ପରିସର ହେବେ କି କ୍ୱାକ୍ !

ଭଦ୍ରକ/ବାସୁଦେବପୁର,୩।୫(ସମିସ): ଗତ ୨୬ ତାରିଖ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ପଦ୍ମପୁର ମେଳକସାହିର ଜଣେ ନାବାଳକର ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ଯୋଗୁଁ ଜୀବନ ଯାଇଥିଲା। ସାମାନ୍ୟତମ ତ୍ରୁଟି ପାଇଁ କୋମଳମତି ଶିଶୁର ଜୀବନ ଯିବାରୁ ଯାହାକୁ ନେଇ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭଙ୍ଗାରୁଜା ଓ ରାସ୍ତାରୋକ ଲାଗିରହିଥିଲା। ସୂଚନାଯୋଗ୍ୟ, ମେଳକସାହିର ପିଲାମାନେ କ୍ରିକେଟ ଖେଳୁଥିଲେ। ଗାଁର ଦେବକାନ୍ତ ବାରିକଙ୍କ ୧୪ ବର୍ଷର ପୁଅ ମୁକେଶ କ୍ରିକେଟ ଖେଳୁଥିବାବେଳେ ପଡ଼ିଯିବାରୁ ଗୋଡ଼ ଆଣ୍ଠୁରେ ଖୁଣ୍ଟ ପଶିଗଲା। ରକ୍ତ ବନ୍ଦ କରିବାକୁ ପ୍ରଥମେ ପଦ୍ମପୁର ଅଞ୍ଚଳରେ ଚିକିତ୍ସା କରୁଥିବା ଜଣେ କ୍ୱାକ୍‌ଙ୍କୁ ଦେଖାଇଥିଲେ। ପରେ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ଇଞ୍ଜେକ୍ସନ ଲେଖିଥିଲେ ପରେ ଡାକ୍ତରଙ୍କ ପ୍ରେସକ୍ରିପ୍ସନ ଅନୁସାରେ ଷ୍ଟାଫ୍ ନର୍ସ ଲଗାତାର ୩ଟି ଇଞ୍ଜେକ୍ସନ ଦେଇଥିଲେ। ସେଥିମଧ୍ୟରୁ ଗୋଟିଏ ଭ୍ୟାନ୍‌ରେ, ଗୋଟିଏ ପିଚାରେ ଓ ଅନ୍ୟଟି ହାତରେ ଦେଇଥିଲେ। ଭ୍ୟାନ୍‌ରେ ଇଞ୍ଜେକ୍ସନ ଦେବା ସମୟରେ ଟେଷ୍ଟ କରି ନ ଥିଲେ। ଇଞ୍ଜେକ୍ସନ ରିଆକ୍ସନ କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। କିଛି ସମୟ ପରେ ମୁକେଶ ବାନ୍ତି କରିଥିଲେ। ଡାକ୍ତର ତାଙ୍କୁ ବେଡ୍ ଉପରେ ଶୁଆଇଦେବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ନାବାଳକର ମୃତ୍ୟୁକୁ ସହଜରେ ପରିବାର ଲୋକ ଗ୍ରହଣ କରିପାରି ନ ଥିଲେ। ଆରମ୍ଭ ହୋଇଥିଲା ମେଡିକାଲରେ ଭଙ୍ଗାରୁଜା। ଏହି ଘଟଣାରେ ୨ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ଜିଲ୍ଲାସ୍ତରୀୟ ଡାକ୍ତରୀ ଟିମ୍ ତଦନ୍ତ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ବାସୁଦେବପୁର ଅଞ୍ଚଳର ଶହ ଶହ କ୍ୱାକ୍ ବିଭିନ୍ନ ଛକରେ ଜଗି ବସିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ବାହୁ ଛାୟା ତଳେ ରହି ଚଳାଇଛନ୍ତି ବେପାର। ଫଳରେ ଗୋଟିଏ ପରେ ଗୋଟିଏ ଶିଶୁର ମୁଣ୍ଡ ଗଡୁଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିରବ ରହି ଏଭଳି ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସରକାରୀ ଡାକ୍ତରଖାନାର ଫାର୍ମାସିଷ୍ଟ ମେଡିସିନ ଷ୍ଟୋରରେ ବସି ମେଡିସିନ ବିକୁଛନ୍ତି। ପ୍ରଶାସନ ଯେଉଁଠି ନିଦାବିଷ୍ଣୁ ସାଜିଛି ସେଠି କହିବା କାହାକୁ ଶୁଣିବ କିଏ। ଶିଶୁ ମୃତ୍ୟୁ ମାମଲାରେ କ୍ୱାକ୍ ତଦନ୍ତ ପରିସରକୁ ଆସିବେ ନା ପକେଟ ଗରମ କରି ତଦନ୍ତ ବାଟବଣା ହେବ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୩।୫(ସମିସ): ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ରାଉତରାପୁରସ୍ଥିତ ପାଣଗଡ଼ିଆଠାରେ ପ୍ରତିଷ୍ଠିତ ହନୁମାନ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସାଳନ୍ଦୀ ନଦୀରୁ ଘଟୋତ୍ତୋଳନ ପରେ ପଣ୍ଡିତ ବିଷ୍ଣୁ ମୋହନ ପାଣିଗ୍ରାହୀ, ବଳରାମ ଶତପଥୀ, ଭବତୋଷ ଶତପଥୀ ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ ସରପଞ୍ଚ ବାସନ୍ତୀ ମହାପାତ୍ର ଓ ରାଧାନାଥ ମହାପାତ୍ର କର୍ତ୍ତା କାର୍ଯ୍ୟ ତୁଲାଇଥିବାବେଳେ ଯୁବନେତା ଚିନ୍ମୟ ମହାପାତ୍ର, ପରମାନନ୍ଦ ମହାପାତ୍ର, ଚକ୍ରଧର ମହାପାତ୍ର, କାଳୁ ସାହୁ, ଉମାକାନ୍ତ ଜେନା, ସୁଦାମ ପୃଷ୍ଟି, ବିଜୟ ମହାପାତ୍ର, ରବୀନ୍ଦ୍ର ସାହୁ, ଚନ୍ଦ୍ରଶେଖର ବେହେରା, ଶରତ ଡଗରା, ଗଜେନ୍ଦ୍ର ପଲେଇ, ନିତ୍ୟାନନ୍ଦ ଡାଙ୍ଗୁଆ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ ଯୋଗଦେଇ ହନୁମାନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରସାଦସେବନ କରିଥିଲେ।

## ତେଜୁଛି ଲୁଙ୍ଗା ହାଇସ୍କୁଲ ଜମିକୁ ନେଇ ବିବାଦ

ବାସୁଦେବପୁର,୩।୫(ସମିସ): ବାସୁଦେବପୁର ବ୍ଲକ୍ ଲୁଙ୍ଗା ପଞ୍ଚାୟତର ଏକ ଜମି ବିକ୍ରିକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କାଦୁଅ ଫୋପଡ଼ା ଫୋପଡ଼ି ଲାଗି ଆରୋପପ୍ରତ୍ୟାରୋପ ଚାଲିଛି। ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀର ଜମିର ବିକ୍ରେତା ମୃତ୍ୟୁଞ୍ଜୟ ନାୟକ କହିଛନ୍ତି, ସରକାରୀ ନୀତି ନିୟମରେ ଜମି ବିକ୍ରି ହୋଇଛି। ଘଟଣାରୁ ଜଣାଯାଇଛି, ଲୁଙ୍ଗା ପଞ୍ଚାୟତର ଶ୍ରୀଧର ଏକାଦଶୀ ହାଇସ୍କୁଲକୁ ଗଣେଶା ନନ୍ଦ ନାୟକ ଲୁଙ୍ଗା ମୌଜାର ଖତିୟାନ ନମ୍ବର- ୨୭୬ରେ ୪ ଏକର ୭୮ ଡେସିମିଲ ଜମି ଦାନ କରିଥିଲେ। ଏହି ଜମିକୁ ହାତ ପଟ୍ଟା କରିଥିଲେ। ହାଇସ୍କୁଲ କର୍ତ୍ତୃପକ୍ଷ ନାମଜାରି କରି ନ ଥିବାରୁ ତାଙ୍କ ନାମରେ ରହିଥିଲା। ଗଣେଶା ନନ୍ଦ ନାୟକଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପକ୍ଷରୁ ଏହି ଜମିରୁ ୨୦୨୨ ମସିହାରେ ଦୁଇ ଏକରରୁ ଅଧିକ ଜମି ବିକ୍ରି କରିଥିଲେ। ଏହାକୁ ନେଇ ଲୁଙ୍ଗା ପଞ୍ଚାୟତର କିଛି ଲୋକ ସ୍ଥାନୀୟ ବାସୁଦେବପୁର ତହସିଲ୍‌ଦାରଙ୍କଠାରେ ଅଭିଯୋଗ କରିଛନ୍ତି। ଠକ୍କତା କରି ଜମି ବିକ୍ରି କରିଥିବାର ଅଭିଯୋଗ ଆଣିଛନ୍ତି। ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଜମି ମାଲିକ ମୃତ ଗଣେଶା ନନ୍ଦ ନାୟକଙ୍କ ପୁଅ ମୃତ୍ୟୁଞ୍ଜୟ ନାୟକ। ବାସୁଦେବପୁର ପୌରପାଳିକାର ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବାପାଙ୍କ ନାମରେ ଥିବା ଜମି ମଧ୍ୟରୁ କିଛି ଅଂଶ ଆମ ପରିବାର ବିକ୍ରି କରିଛୁ। ବାପା ଏହାକୁ ଶ୍ରୀଧର ଏକାଦଶୀ ହାଇସ୍କୁଲକୁ ଦାନ କରିଥିଲେ ବୋଲି ଆମେ ଅବଗତ ନ ଥିଲୁ। ଦୀର୍ଘ ୪ ବର୍ଷ ଧରି ଜମି ବିକ୍ରି ହୋଇଛି। ଏପର୍ଯ୍ୟନ୍ତ କେହି ଆମକୁ କିଛି କହି ନ ଥିଲେ। ତହସିଲ୍‌ଦାରଙ୍କଠାରେ ଅଭିଯୋଗ କରିଥିବାର ଖବର ଆମେ ଗଣମାଧ୍ୟମରୁ ଜାଣିଲୁ। କେହି ଠକ୍କତା କରି ଜମି ବିକି ନାହାନ୍ତି। ସରକାରୀ ନୀତି ନିୟମ ମଧ୍ୟରେ ରହି ଜମି ବିକ୍ରି ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସରପଞ୍ଚ କାହ୍ନୁଚରଣ ମଳିକ, ସୁବାସ ଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ନାୟକ, କୁନା ବାରିକ ଯୋଗଦେଇଥିଲେ।



## ବିଭିନ୍ନ ସ୍ଥାନରୁ ବେଆଇନ ମଦ ଜବତ

ବାରିକପୁର,୩।୫(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ବିଗତ ସପ୍ତାହେ ମଧ୍ୟରେ ଚଢ଼ଉ କରାଯାଇ ପାଖାପାଖି ୧୦୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଥାନା ଅଧୀନସ୍ଥ ଜଗନ୍ନାଥ ପ୍ରସାଦ, ଆଖୁଆପଦା, ପରମାନନ୍ଦପୁର, କୋରକରା ପ୍ରମୁଖ ସ୍ଥାନରୁ ଏହି ବେଆଇନ ମଦ ଜବତ ହୋଇଛି। ବିଶେଷ କରି ଚା’ ଓ ପାନ ଦୋକାନମାନଙ୍କରେ ଚୋରା ମଦ କାରବାର ହେଉଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ, ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ସପ୍ତାହବ୍ୟାପୀ ଚଢ଼ଉ ଜାରି ରହିଥିଲା। ବେଆଇନ ମଦ ଜବତ ନେଇ ମାମଲା ରୁଜୁ ହୋଇଥିବାବେଳେ କେହି ଅଭିଯୁକ୍ତ ଗିରଫ ହୋଇ ନ ଥିବା ଜଣାପଡ଼ିଛି।

## ମାଛ ବେପାରୀଙ୍କ କବ୍‌ଜାରେ ଦୋବଲ ବଜାର

# ସକାଳୁ ସକାଳୁ ନାକେଦମ୍ ହେଉଛନ୍ତି ପଥଚାରୀ

ଦୋବଲ,୩।୫(ସମିସ): ଧାମନଗର-ଷେଣ୍ଢପୁର ମୁଖ୍ୟ ରାସ୍ତାର ଦୋବଲ ବଜାରରେ ଟ୍ରାଫିକ୍ ସମସ୍ୟା ଏବେ ଜଟିଳ ରୂପ ଧାରଣ କରିଛି। ବିଶେଷ କରି ମାଛ ବେପାରୀଙ୍କ ଯୋଗୁଁ ସକାଳ ସମୟରେ ଯାତାୟାତ କରିବା ସ୍ଥାନୀୟ ଲୋକଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ରବିବାର, ବୁଧବାର ଓ ଶୁକ୍ରବାର ଭଳି ଆମିଷ ବାରରେ ଏହି ସମସ୍ୟା ଦ୍ୱିଗୁଣିତ ହେଉଥିବା ଦେଖିବାକୁ ମିଳୁଛି।




ସୂଚନା ଅନୁଯାୟୀ, ବସ୍‌ଷ୍ଟାଣ୍ଡରୁ ଷେଣ୍ଢପୁର ଆଡ଼କୁ ଯାଇଥିବା ଗେଙ୍ଗୁଟି ନଦୀ ବନ୍ଧ ଗଡ଼ାଣିର ଡାହାଣ ପାର୍ଶ୍ୱରେ ମାଛ ବେପାରୀମାନେ ରାସ୍ତା ଉପରେ ହିଁ ପସରା ମେଲାଇ ବସୁଛନ୍ତି। ଏହି ସ୍ଥାନରେ ରାସ୍ତାର ଚଉଡ଼ା ମାତ୍ର ୧୮ ଫୁଟ୍ ହୋଇଥିବାବେଳେ ବେପାରୀମାନେ ପ୍ରାୟ ୫ ଫୁଟ୍ ମାଡ଼ି ବସୁଛନ୍ତି। ତା’ ଉପରକୁ ମାଛ କିଣିବାକୁ ଆସୁଥିବା ଗ୍ରାହକମାନେ ରାସ୍ତା ମଝିରେ ମନଇଚ୍ଛା ଗାଡ଼ି ପାର୍କିଂ କରୁଥିବାରୁ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଅଘୋଷିତ ‘କର୍ଫ୍ୟୁ’ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଜରୁରୀକାଳୀନ ଗାଡ଼ିଗୁଡ଼ିକ ଦୀର୍ଘ ସମୟ ଧରି ଫସି ରହୁଛି। ଏହି ସମସ୍ୟା କେବଳ ମାଛ ବଜାରରେ ସୀମିତ ନାହିଁ। ବସ୍‌ଷ୍ଟାଣ୍ଡରୁ କାଳୀବଜାର ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ରାସ୍ତାରେ ନିର୍ମିତ ଉଚ୍ଚା କଂକ୍ରିଟ ଡ୍ରେନ୍ ଏବଂ ବ୍ୟବସାୟୀଙ୍କ ଦ୍ୱାରା କରାଯାଇଥିବା ସ୍ଲୋପିଙ୍ଗ୍ ଯୋଗୁଁ ମୁଖ୍ୟ ରାସ୍ତା ସଂକୁଚିତ ହୋଇଛି। ବଡ଼ ବଡ଼ ମାଲ୍ ବୋଝେଇ ଟ୍ରକ୍‌ଗୁଡ଼ିକ ଦିନ ସମୟରେ ଅନ୍‌ଲୋଡିଂ ହେଉଥିବାରୁ ଘଣ୍ଟା ଘଣ୍ଟା ଧରି ଜାମ୍ ଲାଗିରହୁଛି।

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ଯଦି ମାଛ ବେପାରୀମାନଙ୍କୁ ଦୋବଲ-ବେଲମଳା ନଦୀ ବନ୍ଧରେ କବରସ୍ଥାନ ପଛପଟରେ ଥିବା ଖାଲି ସ୍ଥାନ କିମ୍ବା ପରିତ୍ୟକ୍ତ ଅବସ୍ଥାରେ ଥିବା ନବନିର୍ମିତ ପୋଲ ଉପରକୁ ସ୍ଥାନାନ୍ତର କରାଯାଆନ୍ତା, ତେବେ ଟ୍ରାଫିକ୍ ସମସ୍ୟା ବହୁ ପରିମାଣରେ ହ୍ରାସ ପାଆନ୍ତା। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି।

